## ସଂକ୍ଷେପରେ

### ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଲେ ନରସିଂ କଲାର



ଉମରକୋଟ, ୨୭।୧୧(ସନ୍ତୋଷ ଶତପଥୀ)
ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ବକୋଦା ପଞ୍ଚାୟତ ୧ ନଂ. ଜିଲା ପରିଷଦ ଜୋନ୍‌ର ଯୁବନେତା ତଥା ଭାଜପା ଯୁବମୋର୍ଚ୍ଚା ସଭାପତି ନରସିଂ କଲାର ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ନିଜ ଇସ୍ତଫାପତ୍ର ଜିଲା ସଭାପତି ଜଗଦୀଶ ବିଷୋୟୀଙ୍କୁ ପଠାଇଛନ୍ତି। ଏହାପରେ ସେ ଅନ୍ୟ କେଉଁ ଦଳରେ ଯୋଗଦେବେ ସେ ନେଇ କୌଣସି ସୂଚନା ଦେଇନାହାନ୍ତି। ପ୍ରକାଶ ଯେ, ନରସିଂ ଦଳକୁ ମଜଭୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଥିଲେ। ସେ ଭାଜପା ବେହେଡ଼ା ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଏବଂ ଆଇଟି କୋଅର୍ଡିନେଟର ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ଦଳ ତାଙ୍କୁ କୌଣସି ସଭା ସମିତି ତଥା ଦଳୀୟ କାର୍ଯ୍ୟକ୍ରମରେ ନିମନ୍ତ୍ରଣ ନ କରିବାରୁ ଦଳ ଛାଡ଼ିଥିବା ନେଇ ଇସ୍ତଫା ପତ୍ରରେ ଉଲ୍ଲେଖ ରହିଛି।

### ନାଲ୍‌କୋ କୋରାପୁଟ ଜିଲାର ଗର୍ବ,ଗୌରବ: ଇଡି

ଦାମନଯୋଡି,୨୭।୧୧(ନରସିଂହ ବ୍ରହ୍ମା)
ନାଲ୍‌କୋ ପ୍ରତିଷ୍ଠା ହେବା ଦ୍ୱାରା କୋରାପୁଟ ଜିଲା ବିକାଶରେ ସହାୟକ ହୋଇପାରିଛି। ଏହା ଜିଲା ବିକାଶରେ ଏକ ମାଇଲ ଖୁଣ୍ଟ ସଦୃଶ୍ୟ ହୋଇପାରିଛି। ୨୦୧୧ରୁ ପାରିପାର୍ଶ୍ୱିକ ଅଞ୍ଚଳରୁ ଇନ୍ଦ୍ରଧନୁ ଯୋଜନାରେ ପ୍ରତିବର୍ଷ ୧୦୦ଜଣ ଛାତ୍ରୀଛାତ୍ରଙ୍କୁ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମାଗଣାରେ ଶିକ୍ଷାଦାନ, ନାଲ୍‌କୋ ଲାଡଲି ଭାବରେ ଭଲ ପାଠ ପଢୁଥିବା ଛାତ୍ରୀମାନଙ୍କୁ ପ୍ରୋତ୍ସାହନ, ପ୍ରତିବର୍ଷ ସିଏସ୍‌ଆର ଫଣ୍ଡ୍ ଏବଂ ମିନାରାଲ ଫଣ୍ଡରୁ କୋଟି କୋଟି ଟଙ୍କା ଜିଲାକୁ ପ୍ରଦାନ କରାଯାଇ ବିକାଶମୂଳକ କାର୍ଯ୍ୟ କରାଯାଉଛି। ନାଲକୋ କୋରାପୁଟର ଗର୍ବ ଓ ଗୌରବ ବୋଲି ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି)ଇଂ ସୁଶିଲ କୁମାର ପାଢୀ କହିଛନ୍ତି। କୋରାପୁଟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଉତ୍ସବ ପରବର ଦ୍ୱିତୀୟ ସନ୍ଧ୍ୟାରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେ ଏହା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, କୋରାପୁଟ ଏସ୍‌ପି ଅଭିନବ ସୋନକାର, ନବରଙ୍ଗପୁର ଜିଲାପାଳ ଡ. କମଳ ଲୋଚନ ମିଶ୍ର, ରାୟଗଡା ଜିଲାପାଳ ସୁଶ୍ରୀସୁଦ୍ଧାବେନ ସିଂ, ମାଲକାନାଗିରି ଜିଲାପାଳ ବିଶାଳ ସିଂ, ହାଲ୍ ମହାପ୍ରବନ୍ଧକ ସୁଧାଂଶୁ ମୋହନ ଜେନା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ।

# କୋହଲା ପାଗକୁ ନେଇ ଚିନ୍ତାରେ ଚାଷୀ

- ଖଳାରେ ଖୋଲା ପଡ଼ିଛି ଅମଳ ଧାନ
- ଶୀଘ୍ର ମଣ୍ଡି ଖୋଲିବାକୁ ଦାବି

ଚନ୍ଦାହାଣ୍ଡି, ୨୭।୧୧(ଦିଲୀପ ଦାସ)
ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ କିଛିଦିନ ହେବ କୋହଲା ପାଗ ଲାଗି ରହିଛି। ଏଠାକାର ଚାଷୀ ପ୍ରାୟ ୬୦/୭୦ ପ୍ରତିଶତ ଧାନ ଅମଳ କରି ଖୋଲା ଆକାଶ ତଳେ ଖଳାରେ ରଖି ମଣ୍ଡି ଖୋଲିବାକୁ ନେଇ ଅପେକ୍ଷା କରିଥିଲେ। ଏବେକାର ପାଗ ଓ ବିଳମ୍ବିତ ମଣ୍ଡି ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି।

ଚନ୍ଦାହାଣ୍ଡି ବ୍ଲକ ଏକ କୃଷିବହୁଳ ଅଞ୍ଚଳ। ୧୪ ପଞ୍ଚାୟତର ଚାଷୀମାନେ ଧାନ, ମକା, ବିରି, କାନ୍ଦୁଲ ଚାଷ କରିବା ସହ ମହୁଲ, ଟୋଲ, ଲାଖ, ଅଁଳା, ଚାରମଞ୍ଜି ବିକ୍ରିକରି ପରିବାର ପୋଷଣ କରିଥାନ୍ତି। କେବଳ ଖରିଫ ଋତୁରେ ବ୍ଲକରେ ଫୁଲଝରି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଉଠା ଜଳସେଚନ, ଅଳ୍ପ କେତୋଟି ଚେକ୍ ଡ୍ୟାମ୍ ପ୍ରକଳ୍ପରୁ କେତେକ ପଞ୍ଚାୟତର ଚାଷୀ ଜଳସେଚନର ସୁବିଧା ପାଇଥାନ୍ତି। ଅନ୍ୟ ପଞ୍ଚାୟତର ଚାଷୀମାନେ ଚାଷ ପାଇଁ ବର୍ଷା ଉପରେ ନିର୍ଭର କରନ୍ତି। ଚଳିତ ବର୍ଷ ବର୍ଷା ଅଭାବରୁ ଅନେକ ଚାଷ ଜମି ପଡ଼ିଆ ପଡ଼ିଛି। ସ୍ୱଳ୍ପ ମିଆଦୀ ଧାନ ସବୁ ଅମଳ ଶେଷ ହୋଇଥିବା ବେଳେ ଦୀର୍ଘ ମିଆଦୀ ଧାନ ଏବେ ଅମଳ କରାଯାଉଛି। ଚଳିତ ବର୍ଷ ଜିଲା ପ୍ରଶାସନ ଡିସେମ୍ବର ୧୦ରୁ ମଣ୍ଡି ଖୋଲିବା ପାଇଁ ନିଷ୍ପତ୍ତି ନେଇଛି। କିନ୍ତୁ ଏ ପର୍ଯ୍ୟନ୍ତ ଧାନ ବିକ୍ରି ପଞ୍ଜୀକରଣ କରିଥିବା ଚାଷୀଙ୍କୁ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଅନ୍‌ଲାଇନ ଟୋକନର ମେସେଜ ମଧ୍ୟ ଆସିନାହିଁ। କେବେ ଟୋକନ ମେସେଜ ଆସିବ ଓ କେବେ ଧାନ ବିକିବେ। ଏହାକୁ ନେଇ ମଧ୍ୟ ଚାଷୀ ଆଶା ଓ ଆଶଙ୍କାରେ। ଯେଉଁ ଚାଷୀମାନେ ଧାନ ଅମଳ କରିଛନ୍ତି ବିଳମ୍ବ ମଣ୍ଡି ହେଉଥିବା ଦେଖି କମ୍ ମୂଲ୍ୟରେ ଫସଲକୁ ଛତିଶଗଡ଼ ବେପାରୀଙ୍କୁ ଦେଇଦେଉଛନ୍ତି। ୨୫ ଭାଗରୁ ଊର୍ଦ୍ଧ୍ୱ ଧାନ ଛତିଶଗଡ଼ ବେପାରୀ ନେଇ ସାରିଲେଣି। ଏହା ଭିତରେ କିଛିଦିନ ହେବ ଲାଗି ରହିଥିବା କୋହଲା ପାଗ ଯୋଗୁ ଖଳାରେ ଥିବା ଧାନକୁ ନେଇ ଚିନ୍ତାରେ ଚାଷୀ। ସମ୍ବଳ ଥିବା ଚାଷୀ ଧାନକୁ ସୁରକ୍ଷିତ ରଖିଥିବା ବେଳେ ଛୋଟ ଚାଷୀମାନେ ଧାନକୁ ଖୋଲା ଆକାଶ ତଳେ ପଲିଥିନ କିମ୍ବା ପାଳ ଢାଙ୍କି ରଖିଛନ୍ତି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଶୀଘ୍ର ମଣ୍ଡି ଖୋଲିବାକୁ ଚାଷୀମାନେ ଦାବି କରିଛନ୍ତି।



ଖଳାରେ ଚାଷୀମାନେ ରଖିଥିବା ଧାନ ।





କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକସ୍ଥିତ କେଲିଆ ଶୈବ ପୀଠରେ ଝାଡ଼େଶ୍ୱର ମହାଦେବଙ୍କୁ ଦର୍ଶନ କରିବାକୁ ଆସିଥିବା ଶ୍ରଦ୍ଧାଳୁମାନେ। (ଫଟୋ- ପ୍ରଜ୍ଞାରଞ୍ଜନ ପରିଡ଼ା)

## କେଲିଆ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

ଡାବୁଗାଁ, ୨୭।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)
ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ଚଚରାଗୁଡ଼ା ପଞ୍ଚାୟତ ଅଧୀନ କେଲିଆ ଶୈବ ପୀଠରେ କାର୍ତ୍ତିକ ପୂର୍ଣ୍ଣିମା ପାଳିତ ହୋଇଛି। ଝାଡ଼େଶ୍ୱର ମହାଦେବଙ୍କୁ ଦର୍ଶନ କରିବା ନିମନ୍ତେ ଭୋରରୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ସ୍ଥାନୀୟ ଲୋକଙ୍କ ସହ କୋରାପୁଟ, କଳାହାଣ୍ଡି ଏବଂ ପଡ଼ୋଶୀ ଛତିଶଗଡ ରାଜ୍ୟରୁ ପ୍ରାୟ ୪୦ ହଜାର ଶ୍ରଦ୍ଧାଳୁ ଝାଡ଼େଶ୍ୱର ମହାଦେବଙ୍କୁ ଦର୍ଶନ କରିଥିଲେ । ଜିଲା ପରିଷଦ ସଭ୍ୟ ଗୁପ୍ତ ବିଷୋୟୀ, ଚଚରାଗୁଡ଼ା ପୂର୍ବତନ ସରପଞ୍ଚ ଧର୍ମାନନ୍ଦ ନାୟକ, ସୁରେନ୍ଦ୍ର ମିଶ୍ର, ଜି. ସାଇ ରାଜୁ, ଦେବରାଜ ପାତ୍ର, କମିଟି କର୍ମକର୍ତ୍ତା, ସାମାଜିକ କର୍ମୀମାନେ ଭିଡ଼ ନିୟନ୍ତ୍ରଣ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଡାବୁଗାଁ ଥାନାଧିକାରୀ ସୁନୀଲ ପ୍ରଧାନଙ୍କ ସହ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଡାବୁଗାଁଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଦଳ ଭକ୍ତମାନଙ୍କୁ ସେବା ଯୋଗାଇ ଦେଇଥିଲେ। ସୂଚନାନୁଯାୟୀ, ଡାବୁଗାଁରୁ କେଲିଆ ପର୍ଯ୍ୟନ୍ତ ୧୩ କି.ମି. ରାସ୍ତା ଖରାପ ଥିବାରୁ ମନ୍ଦିର କମିଟି ପକ୍ଷରୁ ଡାବୁଗାଁ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ମରାମତି ନେଇ ଅନୁରୋଧ କରାଯାଇଥିଲା। କିନ୍ତୁ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ମନ୍ଦିରକୁ ଆସୁଥିବା ଭକ୍ତମାନେ ଯାତାୟାତରେ ସମସ୍ୟା ଭୋଗିବା ସହ ଛୋଟ ଛୋଟ ଦୁର୍ଘଟଣା ଘଟିଥିଲା। ଡାବୁଗାଁ ଅଞ୍ଚଳର ଅନ୍ୟ ମନ୍ଦିରରେ ମଧ୍ୟ ଭକ୍ତଙ୍କ ଭିଡ଼ ଲାଗିରହିଥିଲା।

## ସମ୍ବିଧାନ ଦିବସ ପାଳିତ

ଚନ୍ଦାହାଣ୍ଡି, ୨୭।୧୧(ଦିଲୀପ ଦାସ)
ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଆଦିବାସୀ ସଂଘ ପକ୍ଷରୁ ତଳସାହିରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ଲଛମନ ମାଝିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୁନୁ ନେତାମ, ଜୟରାମ ନେତାମ, ଭୀମସେନ ଡଙ୍ଗରି, ଲିଙ୍ଗରାଜ ଚୌହାନ, ପବିତ୍ର ମୋହନ ଡଙ୍ଗରୀ, ମୁରଲୀଧର ପୂଜାରୀ, ଭୀଷ୍ମ ମାଝି, ରମେଶ ମାଝି, ପୌରଷ ମାଝି, ସନିଦ୍ର ନେତାମ, ଆକାଶ ପୂଜାରୀ, ମୋତିଲାଲ ନେତାମ, ମହେଶ ମାଝି, ଡମ୍ବୁରୁ ନିଆଲ, ଧବଳ ଜାଳି, ବାସ୍ତବ ମାଝି, ଝଙ୍କେଶ୍ୱର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ସମ୍ବିଧାନ ଦିବସର ତାତ୍ପର୍ଯ୍ୟ ଓ ଆମ୍ବେଡକରଙ୍କ ଜୀବନ ଉପରେ ଆଲୋକପାତ କରାଯାଇଛି।

# ଓଡ଼ିଶାର ନୌବାଣିଜ୍ୟ ପରମ୍ପରାକୁ ମନେପକାଇଲେ ଅତିଥି

### ନାଲ୍‌କୋରେ ବୋଇତ ବନ୍ଦାଣ

ଦାମନଯୋଡି, ୨୭।୧୧(ନରସିଂହ ବ୍ରହ୍ମା)
କୋରାପୁଟ ଜିଲା ଦାମନଯୋଡ଼ିରେ ନବରତ୍ନ କମ୍ପାନୀ ନାଲ୍‌କୋ ପକ୍ଷରୁ ସୋମବାର ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଛି। ନାଲ୍‌କୋ ଇ.ଡି. ଇଂ. ସୁଶୀଲ ପାଢୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ତାଙ୍କ ସହ ସ୍ତ୍ରୀ ସୋନିଆ ପାଢ଼ୀ ଉପସ୍ଥିତ ଥିଲେ। ସମ୍ମାନିତ ଅତଥି ରପେ ପ୍ରମୋଦ ବେହେରା, ସୁରେଶ ସାମଲ, ପୁରୁଷୋତ୍ତମ ମହନ୍ତ, ସଦାଶିବ ପତ୍ରୀ, କେ.ଏଲ.ଜେନା, ହିମାଂଶୁ ଶେଖର ପଣ୍ଡା, ଆର.ଏସ. ରାଜୁ ପ୍ରମୁଖ ସମୂହ ମହାପ୍ରବନ୍ଧକମାନେ ଯୋଗ ଦେଇଥିଲେ। ଅତିଥିମାନେ ଓଡ଼ିଶାର ନୌ ବାଣିଜ୍ୟ ପରମ୍ପରାକୁ ମନେ ପକାଇ ଏହି ପରମ୍ପରାକୁ ନାଲ୍‌କୋ ବୋଇତ ବନ୍ଦାଣ ଉତ୍ସବ ରୂପେ ପାଳନ କରିଆସୁଛି ବୋଲି ପ୍ରକାଶ କରିଥିଲେ। କୁନିକୁନି ଝିଅମାନେ ସାଧବାଣୀ ବେଶରେ ସଜିତ ହୋଇ ବୋଇତକୁ ବନ୍ଦାଣ କରିଥିଲେ। ନାଲକୋ ଇଡି ପାଢ଼ୀ ସାଧବ ପୁଅ ବେଶରେ ସଜ୍ଜିତ ହୋଇ ଡଙ୍ଗାରେ ବସି ଶାବରୀ ଲେକ୍ ପରିକ୍ରମା କରିଥିଲେ। ସେଠାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ନାଲ୍‌କୋ ୱେଲଫେୟାର କମିଟି ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମକୁ ମହାପ୍ରବନ୍ଧକ ସରୋଜ ନାଥ ଏବଂ ପ୍ରବନ୍ଧକ ଅରୁଣ ମହାନ୍ତି ପରିଚାଳନା କରିଥିଲେ। ସେହିପରି ଦାମନଯୋଡି ଅଞ୍ଚଳର ବିଭିନ୍ନ ପୋଖରୀ ଓ ଜଳାଶୟରେ ବହୁ ସଂଖ୍ୟାରେ ଜନସାଧାରଣ ଡଙ୍ଗା ଭସାଇ ବୋଇତ ବନ୍ଦାଣ କରୁଥିବା ଦେଖିବାକୁ ମିଳିଥିଲା।



ସାବରୀ ଲେକ୍‌ଠାରେ ସାଧବାଣୀମାନେ ବୋଇତ ବନ୍ଦାଣ କରୁଛନ୍ତି।

# ଆମ୍ବୁଲାନ୍ସ ସେବା ଲୋକାର୍ପିତ କଲେ ବିଧାୟକ

ଜୟପୁର, ୨୭।୧୧(ପବନ ପାଣିଗ୍ରାହୀ)
ଜୟପୁର ବ୍ଲକ ଅନ୍ତର୍ଗତ ବଡଜିଉନା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଆମ୍ବୁଲାନ୍ସ ସେବା ସୋମବାର ଲୋକାର୍ପିତ ହୋଇଛି । ବିଧାୟକ ତାରା ପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସେବାର ଲୋକାର୍ପଣ କରିଥିଲେ। ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଅରୁଣ ପାଢ଼ୀ, ଜିଲା ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ରବୀନ୍ଦ୍ର ମିଶ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନ୍‌ଚାର୍ଜ ଡା. ମୋନାଲିସା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



## ଅଞ୍ଜୁମନ ଇସ୍‌ଲାମିଆ କମିଟି କଲ୍ୟାଣ ମଣ୍ଡପ ଭିତ୍ତିପ୍ରସ୍ତର



ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଅତିଥି।

ଉମରକୋଟ, ୨୭।୧୧(ସନ୍ତୋଷ ଶତପଥୀ)
ନବରଙ୍ଗପୁର ଜିଲା ଉମରକୋଟ ଅଞ୍ଜୁମନ ଇସ୍‌ଲାମିଆ କମିଟି ପକ୍ଷରୁ କଲ୍ୟାଣ ମଣ୍ଡପ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ଓଡ଼ିଶା ଉଠାଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ ପାଢ଼ୀ, ପୌରାଧକ୍ଷା ରାଧା ଭତ୍ରା, ପୌର ପରିଷଦ ଉପାଧ୍ୟକ୍ଷ ସୁଧାଂଶୁ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷା, ନବରଙ୍ଗପୁର ଓ ମାଲକାନଗିରି ଦାୟିତ୍ୱରେ ଥିବା ଛାତ୍ର ବିଜେଡି ପର୍ଯ୍ୟବେକ୍ଷକ ସୁଜିତ ପାଲଟାସିଂ, ପୂର୍ବତନ ଚେୟାରମ୍ୟାନ ଝାଡ଼େଶ୍ୱର ମହାନ୍ତି, ସ୍ୱେଚ୍ଛାସେବୀ ସଂସ୍ଥା ହେଲ୍ପଲାଇନ ନିର୍ଦ୍ଦେଶକ ଦୁର୍ଗାପ୍ରସାଦ ମଲ୍ଲିକ, କାଉନସିଲର ମନୋଜ ନାୟକ, ବିଜେଡି ନଗର ସଭାପତି କୈଳାସ ନାୟକ, ସାମାଜିକ କର୍ମୀ ମନୋଜ ଧଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ନିର୍ମାଣାଧୀନ କଲ୍ୟାଣ ମଣ୍ଡପ ପାଇଁ ରାଜ୍ୟ ସରକାର ୨୦ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇଥିବାରୁ ଉମରକୋଟ ଅଞ୍ଜୁମାନ ଇସ୍‌ଲାମିଆ କମିଟି ସଭାପତି ମହମ୍ମଦ ସଲିମ ରାଠୋର ୫-ଟି ଅଧ୍ୟକ୍ଷ ଭି. କେ. ପାଣ୍ଡିଆନ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଏମ୍‌ପି ମାଝି ଏବଂ ଉଠା ଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ ପାଢ଼ୀଙ୍କୁ ଧନ୍ୟବାଦ ଦେଇଛନ୍ତି। ସମ୍ପାଦକ ଅଲ୍ଲୀ ଲାଠିଆ, ପୂର୍ବତନ ସଭାପତି କେ. ତାନ୍ଭୀର ଜିଲାନି, ଉପସଭାପତି ଶେଖ ସଜ୍ଜୁ ଏବଂ ଯୁଗ୍ମ ସମ୍ପାଦକ ଶେଖ ଅନିତ ସୁନ୍ନି, ସୋନୁ ହିଙ୍ଗରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭାଜପାରେ ମିଶିଲେ ଶତାଧିକ ଲୋକ



ଭାଜପା ନେତାଙ୍କ ସହ ଦଳରେ ମିଶିଥିବା ନୂତନ କର୍ମୀମାନେ।

ଉମରକୋଟ, ୨୭।୧୧(ସନ୍ତୋଷ ଶତପଥୀ)
ନବରଙ୍ଗପୁର ଜିଲା ଉମରକୋଟ ଭାଜପା କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଆୟୋଜନ କରାଯାଇଛି। ବୁର୍ଜା ମଣ୍ଡଳ ସଭାପତି ଭୋଜନାଥ ଗଣ୍ଡଙ୍କ ପ୍ରେରଣାରେ ପଦିଆଗୁଡ଼ା ଗ୍ରାମର ଗଣପତି ମାଝି, ଫଲ୍ ସିଂ ମାଝି, ସୋମନାଥ ମାଝି, ପଦୁରାମ ମାଝି, ଲକ୍ଷୀନାଥ ମାଳି, ଅର୍ଜୁନ ଗୌଡ଼, ସନୁ ଗଣ୍ଡ, ଚୌତୁ ଗଣ୍ଡଙ୍କ ସହ ଶତାଧିକ ଲୋକ ଭାଜପାରେ ମିଶିଛନ୍ତି। ସେମାନଙ୍କୁ ଭାଜପା ଟୋପି ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଦଳକୁ ସ୍ୱାଗତ କରାଯାଇଛି। ଏହି ମିଶ୍ରଣ କାର୍ଯ୍ୟକ୍ରମରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି, ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ମୁଖ୍ୟବକ୍ତା, ନଗର ସାଧାରଣ ସମ୍ପାଦକ ପ୍ରଭାତ କୁମାର ନାୟକ, ଯୁବ ନେତା ମିଲୁ ପଣ୍ଡା, ପୂର୍ଣ୍ଣ ଗଣ୍ଡ, ନିତୁ ଗଣ୍ଡ, ବାବୁ ଶର୍ମା, ଯୁଗ୍ମର ଗୌଡ଼, ଶୋଭା ସିଂ ମାଝି ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

## ଅଟୋ ଓଲଟି ଜଣେ ମୃତ

ନନ୍ଦପୁର, ୨୭।୧୧ (ଶଙ୍କର ପୂଜାରୀ)



କୋରାପୁଟ ଜିଲା ନନ୍ଦପୁର ବ୍ଲକ ଗୋଲୁର ପଞ୍ଚାୟତରୁ ଯାତ୍ରୀଙ୍କୁ ନେଇ ଯାଇଥିବା ଏକ ଅଟୋ(ଏପି ୩୧ ଏଜି-୨୦୦୪) ସୋମବାର ସନ୍ଧ୍ୟାରେ ଆନ୍ଧ୍ରପ୍ରଦେଶର ଆରକୁ ଗ୍ରାମ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଘଟଣାସ୍ଥଳରେ ଅଟୋରେ ଥିବା ଗୋଲୁର ଗ୍ରାମର ପ୍ରେମଚାନ୍ଦ(୨୫)ଙ୍କ ମୃତ୍ୟୁ ହୋଇଛି। ତାଙ୍କ ସହ ଥିବା ସୁବାସ ହନ୍ତାଲଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବିଶାଖାପାଟଣାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବରରୁ ଜଣାପଡିଛି, ଗୋଲୁର ଗ୍ରାମର ଆପାରାଓଙ୍କ ଅଟୋକୁ ଗ୍ରାମର କେତେ ଜଣ ଲୋକ ଭଡ଼ାସୂତ୍ରରେ ନେଇ ଆନ୍ଧ୍ରର ଆରକୁ ଗ୍ରାମରେ ହେଉଥିବା ସୋମବାର ସାପ୍ତାହିକ ହାଟକୁ ଯାଇଥିଲେ। ସେଠାରେ ଯାତ୍ରୀମାନଙ୍କୁ ଛାଡି ଅଟୋଟି ସନ୍ଧ୍ୟା ୫ଟାରେ ପ୍ରେମଚାନ୍ଦ ଓ ସୁବାସଙ୍କୁ ଧରି ଗ୍ରାମକୁ ଫେରୁଥିଲା। ମାତ୍ର ସେଠାରୁ ଗୋଟିଏ କି.ମି. ଆସିବା ପରେ ଅଟୋଟି ଭାରସାମ୍ୟ ହରାଇ ବିଶାଖାପାଟଣା-ଜୟପୁର ରାଜ୍ୟ ରାଜପଥର ରାସ୍ତା ମଝିରେ ଓଲଟି ପଡ଼ିଥିଲା। ଖବରପାଇ ଘଟଣାସ୍ଥଳରେ ଆରକୁ ପୋଲିସ ପହଞ୍ଚି ମୃତକ ଓ ଆହତଙ୍କୁ ଉଦ୍ଧାର କରି ତଦନ୍ତ କରୁଛି। ମଙ୍ଗଳବାର ସକାଳେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ସ୍ୱାଗତ ସମ୍ବର୍ଦ୍ଧନାରେ କମ୍ପିଲା କୋରାପୁଟ

### ଅଯୋଧ୍ୟାରୁ ଆସିଲା କଳସ

କୋରାପୁଟ, ୨୭।୧୧, (ଅମିତାଭ ବେହେରା)
ଅଯୋଧ୍ୟାରୁ ସମ୍ବଲପୁର ଆଉ ସମ୍ବଲପୁରରୁ କୋରାପୁଟ ରେଳ ଯୋଗେ ଅଣାଯାଇଛି ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ରରୁ ପୂଜିତ ଅକ୍ଷତ କଳସ। ଏହି କଳସକୁ କୋରାପୁଟ ରେଳ ଷ୍ଟେଶନରେ ଆଡମ୍ବର ସହକାରେ ସ୍ୱାଗତ କରି ରେଳ ଷ୍ଟେଶନରୁ ଓଏମପି ହନୁମାନ ମନ୍ଦିର ପର୍ଯ୍ୟନ୍ତ ସୌମେନ୍ଦ୍ର ସ୍ୱାଇଁ ଓ ଶାରଦା ଖୁଣ୍ଟିଆ ନେଇଥିଲେ। ସେଠାରୁ କଳସକୁ ଏକ ସୁସଜ୍ଜିତ ରଥରେ ସ୍ୱାଗତ କରାଯାଇ କୋରାପୁଟ ନଗର ପରିକ୍ରମା କରାଯାଇଥିଲା। ଆଖଣ୍ଡଳମଣି ମନ୍ଦିର, ଗୌତମ ନଗର ପଞ୍ଚମୁଖୀ ହନୁମାନ ମନ୍ଦିର, ଶ୍ରୀରାମ ମନ୍ଦିର, ଶାବର ଶ୍ରୀକ୍ଷେତ୍ର ବଡଦେଉଳ ପକ୍ଷରୁ ମଧ୍ୟ ଅକ୍ଷତ କଳସକୁ ସ୍ୱାଗତ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ସ୍ୱାଗତ ରଥ ନଗର ପରିକ୍ରମା ଶୋଭାଯାତ୍ରାରେ ପାଞ୍ଚଟି ସଙ୍କୀର୍ତ୍ତନ ମଣ୍ଡଳୀ ସହ ପ୍ରାୟ ୬ଶହ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ପୂର୍ଣ୍ଣିମା ନାୟକ, ରବିନାରାୟଣ ମିଶ୍ର, ତାରିଣୀ ଚରଣ ପାତ୍ର, ଶରତ ଆଚାର୍ଯ୍ୟ, ପ୍ରହଲ୍ଲାଦ ସାହୁ, ଭେଙ୍କଟେଶ୍ୱର ମିଶ୍ର, କବିତା ମହାପାତ୍ର, ସନ୍ତୋଷ ଗୌଡ଼, ରାଜେଶ ଯାଦବ, ଏନ.ରମେଶ କୁମାର, ଆନେମ ଶେଷଗିରି, ରାମ ସାହୁ, ଶକ୍ତି ପଣ୍ଡା, ପ୍ରଦୀପ ଦଳେଇ, ସୁରଥ ଡାକୁଆ, ଲୋକେଶ ରାଓ, ମହିପାଳ ସିଂଙ୍କ ସମେତ ଅନ୍ୟମାନେ ସହାୟତା କରିଥିଲେ। ସୂଚନାଯୋଗ୍ୟ, ଆସନ୍ତା ଜାନୁୟାରୀ ୨୨ରେ ଅଯୋଧ୍ୟାଠାରେ ଶ୍ରୀରାମ ଜନ୍ମଭୂମିରେ ଭବ୍ୟ ମନ୍ଦିର ପ୍ରତିଷ୍ଠା ହେବ। ଏହି ପରିପ୍ରେକ୍ଷୀରେ ଭାରତବର୍ଷର ସମସ୍ତ ପରିବାରକୁ ନିମନ୍ତ୍ରଣ କରିବାର ଯୋଜନା କରାଯାଇଛି। କୋରାପୁଟ ଜିଲାର ସମସ୍ତ ପରିବାରକୁ ଅକ୍ଷତ କଳସର ପୂଜିତ ଚାଉଳ, ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ନିମନ୍ତ୍ରଣ ପତ୍ର ସହିତ ପ୍ରଭୁ ଶ୍ରୀରାମଙ୍କ ମନ୍ଦିରର ଫଟୋଚିତ୍ର ପ୍ରଦାନ କରିବାକୁ ଯୋଜନା କରାଯାଇଛି। ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର କୋରାପୁଟ ନଗରପାଳଙ୍କ ଦାୟିତ୍ୱରେ ଥିବା ବିଭୁ ପ୍ରସାଦ ନାୟକ, ପ୍ରଭାରୀ ମନୋରଞ୍ଜନ ରାଉତରାୟଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।



ଅକ୍ଷତ କଳସକୁ ରେଳ ଷ୍ଟେଶନଠାରୁ ସୌମେନ୍ଦ୍ର ସ୍ୱାଇଁ ଓ ଶାରଦା ଖୁଣ୍ଟିଆ ଗ୍ରହଣ କରି ନେଉଛନ୍ତି।

# ସଂକୀର୍ତ୍ତନ, ବୋଇତ ବନ୍ଦାଣରେ ସରିଲା କାର୍ତ୍ତିକ

ଜୟପୁର, ୨୭।୧୧(ପବନ ପାଣିଗ୍ରାହୀ)
ଜୟପୁରରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଆନନ୍ଦ ଉଲ୍ଲାସର ସହ ସୋମବାର ପାଳିତ ହୋଇଛି। ଭୋର୍ ୩ଟାରୁ ବିଭିନ୍ନ ସାହିରେ ରହିଥିବା ସଂକୀର୍ତ୍ତନ ମଣ୍ଡଳୀ ବିଭିନ୍ନ ମନ୍ଦିର ପରିସରରେ ସଙ୍କୀର୍ତ୍ତନ କରୁଥିବା ଦେଖିବାକୁ ମିଳିଥିଲା। ଗ୍ରାମାଞ୍ଚଳରୁ ମଧ୍ୟ ସଙ୍କୀର୍ତ୍ତନ ମଣ୍ଡଳୀ ଜୟପୁର ସହରକୁ ଆସିଥିଲେ। ଏହି ଅବସରରେ ସହରର ସମସ୍ତ ମନ୍ଦିର ଲୋକାରଣ୍ୟ ହୋଇ ପଡିଥିଲା। ଗୁପ୍ତେଶ୍ୱରଙ୍କ ପୀଠରେ ପ୍ରବଳ ଭିଡ ହୋଇଥିଲା। ଜୟପୁର ଜଗନ୍ନାଥ ମନ୍ଦିର, ବଲ୍ଲଭ ନାରାୟଣ ମନ୍ଦିର, ରଘୁନାଥ ମନ୍ଦିର, ଗୀତା ଭବନ, ବାଲାଜୀ ମନ୍ଦିର, ପଞ୍ଚାନନ ମନ୍ଦିର, କୁଞ୍ଜବିହାରୀ ମନ୍ଦିର, ଚୈତନ୍ୟ ମନ୍ଦିର, ପଞ୍ଚାନନ ମନ୍ଦିର, ବାବା ବୈଦ୍ୟନାଥ ମନ୍ଦିର, ମଙ୍ଗଳା ମନ୍ଦିର, ଲକ୍ଷ୍ମୀନୃସିଂହ ମନ୍ଦିର, ନୀଳକଣ୍ଠେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା । ମନ୍ଦିରଗୁଡିକରେ ସଙ୍କୀର୍ତ୍ତନ ମଣ୍ଡଳୀ ଓ ହବିଷିଆଳିମାନଙ୍କ ଭାବବିହ୍ୱଳ ପରିବେଶ ବେଶ୍ ଦୃଷ୍ଟି ଆକର୍ଷଣ କରିଥିଲା। ଶ୍ରଦ୍ଧାଳୁଙ୍କ ଭିଡକୁ ନିୟନ୍ତ୍ରଣ କରିବା ଲାଗି ପୋଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରାଯାଇଥିଲା।

ସେହିପରି କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଜୟପୁରରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଥିଲା। ପିଲାଠାରୁ ଆରମ୍ଭକରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଭୋରରୁ କଦଳୀ ପାଟୁକାରେ ଅବା ବଜାରରୁ କିଣି ଆଣିଥିବା ଛୋଟ ଛୋଟ ବୋଇତ ଧରି ଜୟପୁରସ୍ଥିତ ଜଗନ୍ନାଥ ସାଗର, ଖଜୁରିବନ୍ଧଠାରେ ବୋଇତ ବନ୍ଦାଣ କରିଥିଲେ। ବୋଇତରେ ଫୁଲ ସହ ପାନପତ୍ର, ଗୁଆ ରଖି ପାଣିରେ ଭସାଇଥିଲେ। ଜଗନ୍ନାଥ ସାଗରରେ ଶ୍ରଦ୍ଧାଳୁମାନେ ବୋଇତ ବନ୍ଦାଣ ଉତ୍ସବ ପାଳନ କରିଥିଲେ। ସାଗର ନିକଟରେ ବାଣ ଫୁଟାଇ ପିତୃ ପୁରୁଷଙ୍କୁ ଅର୍ପଣ କରିଥିଲେ।



ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ।

## ସଂକ୍ଷେପରେ

### ଭାରତୀୟଙ୍କୁ ଭିଜାମୁକ୍ତ ଗସ୍ତ ଅନୁମତି ଦେବ ମାଲେସିଆ

**ନୂଆଦିଲ୍ଲୀ,୨୭।୧୧:** ଭାରତ ଏବଂ ଚାଇନା ନାଗରିକମାନଙ୍କୁ ମାଲେସିଆ ଭିଜାମୁକ୍ତ ପ୍ରବେଶ ଅନୁମତି ଦେବ। ଡିସେମ୍ବର ୧ରୁ ଏହି ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି। ଭାରତୀୟମାନେ ବିନା ଭିଜାରେ ମାଲେସିଆ ଯାଇ ସେଠାରେ ୩୦ ଦିନ ରହିପାରିବେ ବୋଲି ସେଠାର ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ କହିଛନ୍ତି। ଚାଇନା ଏବଂ ଭାରତ ହେଉଛନ୍ତି ଯଥାକ୍ରମେ ମାଲେସିଆର ଚତୁର୍ଥ ଏବଂ ପଞ୍ଚମ ବୃହତ ବଜାର ଉତ୍ସ। ସରକାରୀ ତଥ୍ୟ ଅନୁଯାୟୀ ଚଳିତବର୍ଷ ଜାନୁୟାରୀରୁ ଜୁନ୍ ମଧ୍ୟରେ ମାଲେସିଆକୁ ୯୧.୬ ଲକ୍ଷ ପର୍ଯ୍ୟଟକ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ଚାଇନିଜ୍‌ଙ୍କ ସଂଖ୍ୟା ୪,୯୮,୫୪୦ ହୋଇଥିବାବେଳେ ୨,୮୩,୮୮୫ ଭାରତୀୟ ଅଛନ୍ତି। ମହାମାରୀ ପୂର୍ବରୁ ୨୦୧୯ର ଏହି ସମୟରେ ଚାଇନାରୁ ୧୫ ଲକ୍ଷ ଏବଂ ଭାରତରୁ ୩,୫୪,୪୮୬ ପର୍ଯ୍ୟଟକ ମାଲେସିଆ ଯାଇଥିଲେ। ଥାଇଲାଣ୍ଡ ଏହାର ପର୍ଯ୍ୟଟନ ସେକ୍ଟର ସହ ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଚାଇନିଜ୍ ଓ ଭାରତୀୟମାନଙ୍କୁ ଭିଜାମୁକ୍ତ ଭ୍ରମଣ ସୁବିଧା ଯୋଗାଇଥିବାବେଳେ ମାଲେସିଆ ଅନୁରୂପ ପଦକ୍ଷେପ ଗ୍ରହଣ କରିଛି।

### ଭାରତୀୟ ରାଷ୍ଟ୍ରଦୂତଙ୍କୁ ଅସ୍ତବ୍ୟସ୍ତ କଲେ ଖଲିସ୍ତାନୀ ବିକ୍ଷୋଭକାରୀ

**ନ୍ୟୁୟର୍କ,୨୭।୧୧:** ଆମେରିକାରେ ଭାରତର ରାଷ୍ଟ୍ରଦୂତ ଥିବା ତରନଜିତ୍ ସିଂ ସାନ୍ଧୁ ରବିବାର ଏକ ଗୁରୁଦ୍ୱାରାକୁ ଯାଇଥିବା



ବେଳେ ସେଠାରେ ଦଳେ ଖଲିସ୍ତାନୀ ବିକ୍ଷୋଭକାରୀ ତାଙ୍କୁ ଅସ୍ତବ୍ୟସ୍ତ କରିଥିଲେ। ଗୁରୁପରବ ଅବସରରେ ସାନ୍ଧୁ ଲଙ୍ଗ୍ ଆଇଲାଣ୍ଡରେ ଥିବା ହିକ୍ସଭିଲେ ଗୁରୁଦ୍ୱାରାକୁ ଯାଇଥିଲେ। ଏହି ସମୟରେ ବିକ୍ଷୋଭକାରୀମାନେ ତାଙ୍କୁ ଘେରିଯାଇ ଚିତ୍କାର କରିଥିଲେ। ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂ ନିଜ୍ଜର ହତ୍ୟା ପାଇଁ ସେମାନେ ସାନ୍ଧୁଙ୍କୁ ଦାୟୀ କରିବା ସହ ଅନ୍ୟତମ ଆତଙ୍କବାଦୀ ଗୁରପତୱନ୍ତ ସିଂ ପନ୍ନୁନଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର କରାଯାଉଥିବା ଅଭିଯୋଗ କରିଥିଲେ। ସାନ୍ଧୁ ଏବଂ ଖଲିସ୍ତାନୀ ବିକ୍ଷୋଭକାରୀଙ୍କ ମଧ୍ୟରେ ବଚସାର ଭିଡିଓ ଭାଇରାଲ ହୋଇଛି। ନିଜ୍ଜର ହତ୍ୟାକାଣ୍ଡ ଉପରେ କାହିଁକି ଜବାବ ଦେଉନାହଁ ବୋଲି କେତେଜଣ ପ୍ରଶ୍ନ କରୁଥିବା ଭିଡିଓରୁ ଦେଖିବାକୁ ମିଳିଛି।

# ସୁଡ଼ଙ୍ଗରେ ମାନୁଆଲ ଖନନ ଆରମ୍ଭ

**ନୂଆଦିଲ୍ଲୀ,୨୭।୧୧**

ଉତ୍ତରକାଶୀର ସିଲ୍‌କ୍ୟାରା ସୁଡ଼ଙ୍ଗରେ ୧୬ ଦିନ ହେଲା ଫସି ରହିଥିବା ୪୧ ଶ୍ରମିକଙ୍କୁ ଉଦ୍ଧାର ପାଇଁ ସୋମବାର ହାତ ମେଶିନ୍‌ରେ ଖନନ ଆରମ୍ଭ ହୋଇଛି। ସେମାନେ ସମାନ୍ତରାଳ ଦିଗରେ ଖନନ କରୁଥିବାବେଳେ ମେଶିନ୍ ସହାୟତାରେ ଭୂଲମ୍ବ ଦିଗରେ ମଧ୍ୟ ଖନନ ଜାରି ରହିଛି। ଭୂଲମ୍ବ ଖନନ ୩୬ ମିଟରରୁ ଅଧିକ ହେଲାଣି। ଆମେରିକାର ଔଗର ଡ୍ରିଲିଂ ମେଶିନ୍‌ରେ ସମାନ୍ତରାଳ ଭାବେ ୪୬.୮ ମିଟର ଖୋଳାଯିବା ପରେ ଏହାର ଯନ୍ତ୍ରାଂଶ ଭାଙ୍ଗି ଭିତରେ ରହିଯିବାରୁ ଦୁଇଦିନ ହେଲା ଖୋଳା ବନ୍ଦ ରହିଥିଲା। ମେଶିନ୍ ଦ୍ୱାରା ଖୋଳିବା ସମ୍ଭବ ନ ହେବାରୁ ଏବେ ର୍‍ୟାଟ୍ ହୋଲ୍ ମାଇନିଂ ପ୍ରକ୍ରିୟା ଆପଣାଯାଇଛି। ମାନୁଆଲ ଖନନ କାର୍ଯ୍ୟରେ ସରକାରଙ୍କ ବିଭିନ୍ନ ସଂସ୍ଥା ସମେତ ସେନା ମଧ୍ୟ ସାମିଲ ହୋଇଛି। ଭାଙ୍ଗିଥିବା ଔଗର ମେଶିନ୍‌ର ଯନ୍ତ୍ରାଂଶଗୁଡ଼ିକୁ ମାଟିତଳୁ ବାହାର କରାଗଲାଣି। ଦକ୍ଷ ଖନନକାରୀମାନଙ୍କ ଦ୍ୱାରା ମାନୁଆଲ ଖନନ ଆରମ୍ଭ ହୋଇଥିବା ସୀମା ସଡ଼କ ସଂଗଠନ (ବିଆର୍‌ଓ)ର ପୂର୍ବତନ ଇଞ୍ଜିନିୟର ଇନ୍ ଚିଫ୍ ଲ୍ୟୁଟ୍‌ନାଣ୍ଟ ଜେନେରାଲ ହରପାଲ୍ ସିଂ କହିଛନ୍ତି।

ଅନ୍ୟପକ୍ଷରେ ଉତ୍ତରକାଶୀରେ ବର୍ଷା, ଘଡ଼ଘଡ଼ି, କୁଆପଥର ବର୍ଷା ହେବା ସମ୍ଭାବନା ଥିବା ନେଇ ପାଣିପାଗ ବିଭାଗ ୟେଲୋ ୱାର୍ନିଂ ଜାରି କରିଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହେବା ଆଶଙ୍କା କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର, ସ୍ୱରାଷ୍ଟ୍ର ସଚବ ଅଜୟ ଭାଲ୍ଲା ଏବଂ ଉତ୍ତରାଖଣ୍ଡ ମୁଖ୍ୟ ସଚିବ ଏସ୍.ଏସ୍. ସାନ୍ଧୁ ସୋମବାର ଉଦ୍ଧାର ସ୍ଥଳରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ସୁଡ଼ଙ୍ଗରେ ଫସିଥିବା ଶ୍ରମିକ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ସହ କଥା ହୋଇଥିଲେ। ସେମାନଙ୍କ ପାଖକୁ ପଠାଯାଉଥିବା ଖାଦ୍ୟ ସମ୍ପର୍କରେ ସେ ପଚାରି ବୁଝିଥିଲେ।

ଉପର ଆଡୁ ୩୬ ମିଟର ଖୋଳା ସରିଥିବାବେଳେ ଶ୍ରମିକମାନଙ୍କ ପାଖରେ ପହଞ୍ଚିବାକୁ ଆଉ ୫୦ ମିଟର ଖୋଳିବାକୁ ହେବ। ଭୂଲମ୍ବ ଦିନରେ ୧.୨ ମିଟର ଓସାରର ପାଇପ୍ ଭର୍ତ୍ତି କରାଯାଉଛି। ଉକ୍ତ ପାଇପ୍ ଦେଇ ଶ୍ରମିକମାନଙ୍କୁ ଟନେଲରୁ ବାହାର କରାଯିବ। ସେହିପରି ସମାନ୍ତରାଳ ଭାବେ ଆଉ ୧୦ ମିଟର ଖୋଳିବାକୁ ଥିବାବେଳେ ସୋମବାର ଅଧା ମିଟରରୁ ଅଧିକ ଖୋଳାଯାଇଛି। ଯଦି ସବୁ ଠିକ୍ ଚାଲେ, ତେବେ ୨୪ରୁ ୩୬ ଘଣ୍ଟା ଲାଗିବ ବୋଲି ହରପାଲ ସିଂ କହିଛନ୍ତି। ର୍‍ୟାଟ୍ ହୋଲ୍ ମାଇନରମାନେ ପୂର୍ବରୁ ଦିଲ୍ଲୀ ଏବଂ ଅହମଦାବାଦରେ ଏଭଳି ଅପରେଶନ କରିଥିଲେ।



ସୁଡ଼ଙ୍ଗ ନିକଟରେ ଉଦ୍ଧାର କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରୁଛନ୍ତି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର।

## ଶ୍ରମିକଙ୍କୁ ଦିଆଯାଉଛି ମନସ୍ତାତ୍ତ୍ୱିକ ପରାମର୍ଶ

ବିଭିନ୍ନ ପ୍ରତିବନ୍ଧକ ଯୋଗୁ ଉଦ୍ଧାର କାର୍ଯ୍ୟ ବିଳମ୍ବ ହେଉଥିବାବେଳେ ଶ୍ରମିକମାନେ ସୁଡ଼ଙ୍ଗ ଭିତରେ ହତୋତ୍ସାହିତ ଓ ବିବ୍ରତ ନ ହେବା ପାଇଁ ମନସ୍ତାତ୍ତ୍ୱିକ ପରାମର୍ଶ ଦିଆଯାଉଛି। ସୁଡ଼ଙ୍ଗ ଭିତରକୁ ମାଇକ୍ ସଂଯୋଗ ଦିଆଯାଇଛି। ଏକ ପାଇପ୍ ସହାୟତାରେ ବାହାରେ ଥିବା ଶ୍ରମିକମାନଙ୍କ ଆତ୍ମୀୟମାନେ ସେମାନଙ୍କ ସହ କଥା ହୋଇପାରୁଛନ୍ତି। ସେମାନଙ୍କ ମନୋବଳ ବଢ଼ାଇବା ପାଇଁ ସବୁପ୍ରକାର ଉଦ୍ୟମ କରାଯାଉଛି। ଶ୍ରମିକମାନଙ୍କୁ ପ୍ରେରଣା ଦେବା ପାଇଁ ଡାକ୍ତର ଓ ମନସ୍ତତ୍ତ୍ୱବିତ୍‌ମାନେ କାଉନ୍‌ସେଲିଂ କରୁଛନ୍ତି। ଉଦ୍ଧାର ସ୍ଥଳରେ ଡାକ୍ତରମାନଙ୍କର ଏକ ଟିମ୍ ରହିଥିବାବେଳେ ସେମାନେ ଦିନକୁ ଦୁଇଥର ସକାଳ ୯ରୁ ୧୧ଟା ଏବଂ ଅପରାହ୍ଣ ୫ଟାରୁ ରାତି ୮ଟା ପର୍ଯ୍ୟନ୍ତ ଶ୍ରମିକମାନଙ୍କ ସହ କଥା ହେଉଛନ୍ତି। ପରିବାର ସଦସ୍ୟ ଯେକୌଣସି ସମୟରେ କଥା ହେବାକୁ ସୁଯୋଗ ଦିଆଯାଇଛି। ଟନେଲ ବାହାରେ ଅପେକ୍ଷା କରିଥିବା ଶ୍ରମିକଙ୍କ ଆତ୍ମୀୟମାନଙ୍କ ପାଇଁ ସରକାର ଏକ କ୍ୟାମ୍ପ ସ୍ଥାପନ କରିଛନ୍ତି। ନିର୍ମାଣ କମ୍ପାନୀ ପକ୍ଷରୁ କେତେଜଣଙ୍କୁ ରହିବା ପାଇଁ ଘର ଯୋଗାଇ ଦିଆଯାଇଛି।

## ୪ରୁ ପାର୍ଲାମେଣ୍ଟ ଶୀତ ଅଧିବେଶନ

### ଉପସ୍ଥାପନ ହେବ ଭାରତୀୟ ନ୍ୟାୟ ସଂହିତା ବିଲ୍

**ନୂଆଦିଲ୍ଲୀ,୨୭।୧୧**

ସଂସଦର ଶୀତକାଳୀନ ଅଧିବେଶନ ଡିସେମ୍ବର ୪ରୁ ଆରମ୍ଭ ହୋଇ ୨୨ତାରିଖ ପର୍ଯ୍ୟନ୍ତ ଚାଲିବ। କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଡିସେମ୍ବର ୨ରେ ଏକ ସର୍ବଦଳୀୟ ବୈଠକ ଡାକିଛନ୍ତି। ଏହି ବୈଠକରେ ଶୀତକାଳୀନ ଅଧିବେଶନ ଉପରେ ଆଲୋଚନା କରାଯିବ। ସାଧାରଣତଃ ଅଧିବେଶନ ଆରମ୍ଭ ହେବାର ଗୋଟିଏ ଦିନ ପୂର୍ବରୁ ସର୍ବଦଳୀୟ ବୈଠକ ଡକାଯାଇଥାଏ। କିନ୍ତୁ ଏଥର ଅଧିବେଶନ ପୂର୍ବରୁ ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼, ତେଲଙ୍ଗାନା ଏବଂ ମିଜୋରାମର ନିର୍ବାଚନ ଫଳାଫଳ ଡିସେମ୍ବର ୩ରେ ଆସିବ। ଏଭଳି ପରିସ୍ଥିତିରେ ସଂସଦରେ ଏହି ଫଳାଫଳର ପ୍ରତିଧ୍ୱନି ମଧ୍ୟ ଦେଖିବାକୁ ମିଳିବାର ଆଶା ରହିଛି। ଏହି ଅଧିବେଶନରେ ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ କରିବାକୁ ଚେଷ୍ଟା କରିବେ। ନିର୍ବାଚନ ଫଳାଫଳ ଯଦି ସପକ୍ଷରେ ଆସିବ ତେବେ ସରକାର ଅଧିକ କ୍ଷମତା ପାଇବେ। ଅନ୍ୟପକ୍ଷରେ ଫଳାଫଳ ଯଦି କଂଗ୍ରେସ ସପକ୍ଷରେ ଯାଏ, ତେବେ ସଂସଦରେ ସମୀକରଣ ମଧ୍ୟ ବଦଳିପାରେ।

ମିଳିଥିବା ସୂଚନା ଅନୁସାରେ ଦେଶର ଆପରାଧିକ ନ୍ୟାୟ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଗତ ଅଗଷ୍ଟ ୧୧ରେ ଲୋକ ସଭାରେ ଆଗତ କରିଥିବା ୩ ବିଲ୍‌କୁ ଏଥର ଅଧିବେଶନରେ ଉପସ୍ଥାପନ କରାଯିବ। ଏହି ତିନୋଟି ବିଲ୍ ଗୃହ ସଂସଦୀୟ କମିଟି ଦ୍ୱାରା ଅନୁମୋଦନ ହୋଇସାରିଛି। ଆଇପିସି, ସିଆର୍‌ପିସି ଏବଂ ଏଭିଡେନ୍ସ ଆକ୍ଟକୁ ବଦଳାଇ ଯଥାକ୍ରମେ ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍) ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନ୍‌ଏସ୍‌ଏସ୍) ବିଲ୍-୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ(ବିଏସ୍) ବିଲ୍-୨୦୨୩କୁ ଗୃହୀତ କରାଇବାକୁ ସରକାର ଚାହୁଁଛନ୍ତି। ତେଣୁ ଏହି ବିଲ୍‌କୁ ଏଥର ଗୃହରେ ଉପସ୍ଥାପନ କରାଯିବ। ଏହା ବ୍ୟତୀତ ମୁଖ୍ୟ ନିର୍ବାଚନ କମିଶନର ଏବଂ ଅନ୍ୟ କମିଶନରଙ୍କ ନିଯୁକ୍ତି ପାଇଁ ବିଲ୍ ମଧ୍ୟ ସଂସଦରେ ଅନୁମୋଦନ ପାଇଁ ଉପସ୍ଥାପନ ହେବ। ଏହି ବିଲ୍ ଉପରେ କଂଗ୍ରେସ ସମେତ ଅନେକ ବିରୋଧୀ ଦଳର ଦୃଢ଼ ଆପତ୍ତି ରହିଛି।

## ତେଲଙ୍ଗାନାରେ ଚାଷୀଙ୍କୁ ସହାୟତା ବନ୍ଦ କରାଇଲେ ଇସି

**ନୂଆଦିଲ୍ଲୀ, ୨୭।୧୧(ପି.ଟି.)**

ତେଲଙ୍ଗାନା ବିଧାନସଭା ନିର୍ବାଚନ ସମୟରେ ରାଜ୍ୟ ସରକାର ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରି ରାଇଥୁ ବନ୍ଧୁ ଯୋଜନାରେ ରବି ଫସଲ ପାଇଁ କୃଷକମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ଏହା ଜାଣିବା ପରେ ନିର୍ବାଚନ କମିଶନ (ଇସି) ଉପରୋକ୍ତ ସ୍କିମ୍ ପାଇଁ ଦିଆଯାଇଥିବା ଅନୁମତିକୁ ପ୍ରତ୍ୟାହାର କରିନେଇଛନ୍ତି। ରାଜ୍ୟର ଜଣେ ମନ୍ତ୍ରୀ ଆଚରଣ ବିଧିର ଉଲ୍ଲଂଘନ କରି ରାଇତୁ ବନ୍ଧୁ ଯୋଜନାରେ ଲୋକମାନଙ୍କ ସହାୟତା ରାଶି ବାଣ୍ଟୁଥିବା ଦେଖାଯାଇଥିଲା। ବିରୋଧୀ ଦଳ କଂଗ୍ରେସ ଏହା କଳୁଷିତ ରାଜନୀତି କହି ଶାସକ ବିଆର୍‌ଏସ୍‌କୁ କଡ଼ା ସମାଲୋଚନା କରିଛି। ଆସନ୍ତା ୩୦ ତାରିଖରେ ତେଲଙ୍ଗାନା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ଡିସେମ୍ବର ୩ରେ ଫଳାଫଳ ପ୍ରକାଶ ପାଇବ।

## ଗୁଜରାଟରେ ବଜ୍ରପାତ: ୨୪ ମୃତ

**ଗାନ୍ଧୀନଗର,୨୭।୧୧**

ଗତ କିଛିବର୍ଷ ହେଲା ବଜ୍ରପାତ ଘଟଣା ବହୁତ ବଢ଼ିଯାଇଛି। ଗୁଜରାଟରେ ଅଦିନିଆ ବର୍ଷା ଲାଗିରହିଥିବାବେଳେ ଗତ ୨୪ ଘଣ୍ଟା ମଧ୍ୟରେ ବଜ୍ରପାତରେ ୨୪ ଜଣଙ୍କ ମୃତ୍ୟୁ ଘଟିଛି। ଅଦିନିଆ ବର୍ଷାରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ୭୧ ଜୀବଜନ୍ତୁଙ୍କ ପ୍ରାଣ ଯାଇଥିବା ଜରୁରୀ ସେବା କେନ୍ଦ୍ରର ଜଣେ ଅଧିକାରୀ କହିଛନ୍ତି। ଅହମଦାବାଦ, ଅର୍ମେଲି, ଆନନ୍ଦ, ଖେଡ଼ା, ଦେବଭୂମି ଦ୍ୱାରକା, ପଞ୍ଚମହଲ, ପାଟନ, ବୋଟାଡ୍ ମେହସନା, ସବରକଣ୍ଠା, ସୁରଟ ଏବଂ ସୁରେନ୍ଦ୍ରନଗର ଜିଲାରେ ଜଣେ ଲେଖାଏ ବଜ୍ରପାତରେ ପ୍ରାଣ ହରାଇଥିବାବେଳେ ତାପି ଜିଲାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଏହା ବ୍ୟତୀତ ବନସ୍‌କଣ୍ଠା, ଭାରୁଚ ଜିଲାରେ ୩ ଜଣ ଲେଖାଏ ଏବଂ ଦାହୋଡରେ ୪ ଜଣଙ୍କ ଜୀବନ ଯାଇଛି। ଏହା ବ୍ୟତୀତ ବଜ୍ରପାତ ଯୋଗୁ ଅନ୍ୟ ୨୩ ଜଣ ଆହତ ହୋଇଛନ୍ତି। ରବିବାର ସକାଳୁ ଗୁଜରାଟର ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗିରହିଥିବାବେଳେ କେତେକ ସ୍ଥାନରେ କୁଆପଥର ବର୍ଷା ହୋଇଛି। ୩ ଦିନ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା।

## ପିଲାଙ୍କୁ ଆକୃଷ୍ଟ କରିଛି ମେଟାର ପ୍ଲାଟଫର୍ମ ଡିଜାଇନ୍

### ୧୩ ବର୍ଷରୁ କମ୍ ପିଲାଙ୍କ ମଧ୍ୟରେ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଲୋକପ୍ରିୟ

**ସାନ୍ ଫ୍ରାନ୍ସିସ୍କୋ,୨୭।୧୧**

ଫେସ୍‌ବୁକ୍‌ର ପ୍ୟାରେଣ୍ଟ କମ୍ପାନୀ ମେଟା ପିଲାମାନଙ୍କୁ ଆକୃଷ୍ଟ କରିବା ପାଇଁ ଜାଣିଶୁଣି ଏହାର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକର ଡିଜାଇନ୍ କରିଛି। ଇନ୍‌ଷ୍ଟାଗ୍ରାମରେ କମ୍ ବୟସର ୟୁଜରଙ୍କ ସଂଖ୍ୟା ବହୁ ଅଧିକ ହୋଇଥିବା ନେଇ ଏହି ସଂସ୍ଥାକୁ ଲକ୍ଷ ଲକ୍ଷ ଅଭିଯୋଗ ମିଳୁଥିବାବେଳେ ଏହା ଖୁବ୍ କମ୍ ଦର୍ଶାଇଥାଏ ବୋଲି ଏକ ସଦ୍ୟ ଆଇନଗତ ଅଭିଯୋଗରୁ ଜଣାପଡ଼ିଛି। ଆମେରିକାର ୩୩ ରାଜ୍ୟର ଆର୍ଟର୍ନି ଜେନେରାଲମାନେ ଗତ ଅକ୍ଟୋବରରେ ଏନେଇ ମୋକଦ୍ଦମା ଦାଏର କରିଛନ୍ତି।

ଅଭିଯୋଗ ଅନୁଯାୟୀ ମେଟା ଏହାର ପ୍ରଡକ୍ଟଗୁଡ଼ିକୁ ଯୁବ ମନସ୍ତତ୍ତ୍ୱକୁ ଆକୃଷ୍ଟ କରିବା ପାଇଁ ଡିଜାଇନ୍ କରିଛି, ଯାହାକୁ ଏହାର ଅଧିକାରୀମାନେ ଜାଣିଛନ୍ତି। ଏଥିରେ ଆବେଗତାପୂର୍ଣ୍ଣ ଆଚରଣ, ସାଥୀମାନଙ୍କ ଦ୍ୱାରା ପ୍ରଭାବିତ ହେବାର ସମ୍ବେଦନଶୀଳତା ଏବଂ କୌଣସି ବିପଦକୁ ନ୍ୟୂନ ଆକଳନ କରିବା ଆଦି ଦେଖାଯାଇଥାଏ ବୋଲି ଅଭିଯୋଗରେ କୁହାଯାଇଛି। ଏପରିକି ୧୩ ବର୍ଷରୁ କମ୍ ପିଲାମାନଙ୍କ ମଧ୍ୟରେ ଫେସ୍‌ବୁକ୍ ଏବଂ ଇନ୍‌ଷ୍ଟାଗ୍ରାମ ବେଶ୍ ଲୋକପ୍ରିୟ। ଏତେ କମ୍ ବୟସର ପିଲାଙ୍କୁ ଏହି ସେବା ବ୍ୟବହାର ଅନୁମତି ଦିଆଯାଇ ନ ଥାଏ ବୋଲି କମ୍ପାନୀ ନୀତିରେ କୁହାଯାଇଛି। ୨୦୧୯ର ଏକ ଇମେଲ୍‌ରେ ଫେସ୍‌ବୁକ୍‌ର ଜଣେ ନିରାପତ୍ତା କାର୍ଯ୍ୟନିର୍ବାହୀ ପିଲାମାନଙ୍କ ଉପରେ ଏହାର କୁପ୍ରଭାବ ସମ୍ପର୍କରେ ସୂଚନା ଦେବା ସହ ଏହା କମ୍ପାନୀର ବ୍ୟବସାୟ ଗୁରୁତର ପ୍ରଭାବିତ କରିବା ସମ୍ଭାବନା ଥିବା କହିଥିଲେ।

## ଫୁର୍‌ସତ

### ବିଶ୍ୱସ୍ତ ଜୀବନସାଥୀ ପାଇଁ ସାନ୍ତାଙ୍କୁ ଯୁବତୀଙ୍କ ଚିଠି

**ବ୍ରାସିଲିଆ:** ଡିସେମ୍ବର ମାସ ଆସିବା ପୂର୍ବରୁ ବହୁ ଲୋକ ଖ୍ରୀଷ୍ଟମାସ ପାଇଁ ପ୍ରସ୍ତୁତି କରିଦିଅନ୍ତି। ପୂର୍ବରୁ ଭାରତରେ ଖ୍ରୀଷ୍ଟମାସ ପାଳନ କରାଯାଉ ନ ଥିଲା। ହେଲେ ଲୋକେ ଏବେ ଏହାକୁ ଧୁମ୍‌ଧାମ୍‌ରେ ପାଳନ କରୁଛନ୍ତି। ପିଲାମାନେ ଢେର୍‌ସାରା ଉପହାର ପାଇବାକୁ ଏହି ଦିନକୁ ଅପେକ୍ଷା କରିଥାନ୍ତି। ସାନ୍ତା ପିଲାଙ୍କୁ ମଧ୍ୟ ଅନେକ ଉପହାର ଦେଇଥାନ୍ତି। ତେବେ ଏହି ଖ୍ରୀଷ୍ଟମାସ ଆଗରୁ ବ୍ରାଜିଲର ମଣ୍ଡଲ ଲାରିସା ସମ୍ପତ୍ତି ନାମ୍ନୀ ଜଣେ ଯୁବତୀ ସୋସିଆଲ ମିଡିଆରେ ସାନ୍ତାଙ୍କୁ ନିଜ ପାଇଁ ଜଣେ ବିଶ୍ୱସ୍ତ ଜୀବନସାଥୀ ଉପହାର ମାଗିଛନ୍ତି। ଲାରିସା ଚଳିତବର୍ଷ ମିସ୍ ବମ୍‌ବମ୍ ପ୍ରତିଯୋଗିତା ଜିତିଛନ୍ତି। ହେଲେ ସେ ତାଙ୍କର ଏହି ସଫଳତାକୁ ଜୀବନରେ ଭଲଭାବେ ବ୍ୟବହାର କରିପାରିନାହାନ୍ତି। କିଛି ଦିନ ପୂର୍ବରୁ ଲାରିସାଙ୍କ ଛାଡ଼ପତ୍ର ହୋଇଛି। ଏହି କାରଣରୁ ସେ ବର୍ଷେ ମଧ୍ୟରେ ଭାଙ୍ଗି ପଡ଼ିଛନ୍ତି। ଏହି ମଉକାରେ ମଧ୍ୟ ସେ ଏକ ପାର୍ଟିର ଆୟୋଜନ କରିଥିଲେ। ସେଥିରେ ୪ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ତେବେ ଗତ ଜୀବନରୁ ବାହାରି ନୂତନ ଜୀବନ ଆରମ୍ଭ କରିବାକୁ ଇଚ୍ଛା କରିଛନ୍ତି। ୨୪ ବର୍ଷୀୟା ଲାରିସା କହିଛନ୍ତି, ଏବେ ଇମୋଶନ ଥିବା ଜୀବନସାଥୀ ଖୋଜିବା କଷ୍ଟକର। ସେ ନିଜ ପାଇଁ ସମସ୍ତ ଗୁଣ ଥିବା ଏକ ଜୀବନସାଥୀର ଲିଷ୍ଟ ଏକ ମଲ୍‌ରେ ସାନ୍ତାଙ୍କୁ ଭେଟି ଦେଇଛନ୍ତି।



### ପୁଷ୍ପା-୨ ପାଇଁ ପାରିଶ୍ରମିକ ନେଉନାହାନ୍ତି ଅଲ୍ଲୁ



ଅଲ୍ଲୁ ଅର୍ଜୁନ

**ମୁମ୍ବାଇ:** ସାଉଥ୍ ଅଭିନେତା ଅଲ୍ଲୁ ଅର୍ଜୁନଙ୍କ ବ୍ଲକବଷ୍ଟର ଫିଲ୍ମ 'ପୁଷ୍ପା: ଦି ରାଇଜ୍' ଅନେକ ସଫଳତା ପାଇଛି, ଯାହାର ପ୍ରଭାବ ଏବେ ବି ଦେଶ ଓ ବିଦେଶ ଦର୍ଶକଙ୍କ ମନରୁ କିମିନି। ଆଗକୁ ଅଲ୍ଲୁଙ୍କ ଫିଲ୍ମ 'ପୁଷ୍ପା-୨: ଦି ରୁଲ୍' ଆସିବାକୁ ଯାଉଛି, ଯାହାକୁ ଦର୍ଶକେ ଅତି ଉତ୍କଣ୍ଠାର ସହ ଅପେକ୍ଷା କରିରହିଛନ୍ତି। ଏହି ଫିଲ୍ମର ଶୁଟିଂ ପ୍ରାୟ ସରିବାକୁ ବସିଲାଣି। ଏହା ମଧ୍ୟରେ ସିନେମାକୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। କୁହାଯାଉଛି କି ସୁକୁମାରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମର ଦ୍ୱିତୀୟ ଭାଗ ପାଇଁ ଅଲ୍ଲୁ କୌଣସି ପାରଶ୍ରମିକ ନେଉନାହାନ୍ତି। କିନ୍ତୁ ସେ ନିର୍ମାତାଙ୍କ ସହ ଏପରି କିଛି ଡିଲ୍ କରିଛନ୍ତି, ଯେଉଁଥିପାଇଁ ସେ ସିନେମାରୁ କିଛି ଟଙ୍କା ରୋଜଗାର କରିପାରିବେ। ଫିଲ୍ମ ପାଇଁ ହୋଇଥିବା ଡିଲ୍‌ରେ ଫିଲ୍ମର ମୋଟ୍ ଆୟରୁ ଅଲ୍ଲୁ ୩୩ ପ୍ରତିଶତ ପାଇବେ। ତେବେ ଏହି ୩୩ ପ୍ରତିଶତ ଡିଲ୍ କେବଳ ସିନେମା ଘରର ଆୟ ପର୍ଯ୍ୟନ୍ତ ସୀମିତ ନୁହେଁ ବରଂ ଏହା ଓଟିଟି ରାଇଟ୍‌ସ, ସାଟେଲାଇଟ୍‌ସ ରାଇଟ୍ ଓ ଥିଏଟର ରାଇଟ୍ ସବୁକୁ ମିଶାଇ ଯାହା ହେବ ତାହାର ୩୩ ପ୍ରତିଶତ ରହିବ। ସିନେମାରେ ଅଲ୍ଲୁଙ୍କ ସହିତ ରଶ୍ମିକା ମନ୍ଦାନା, ଫହାଦ ଫାସିଲ, ଜଗପତି ବାବୁଙ୍କ ସହିତ ବହୁ କଳାକାର ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ଅଲ୍ଲୁଙ୍କ ଏହି ଫିଲ୍ମ ଆସନ୍ତା ଅଗଷ୍ଟ ୧୫ରେ ପ୍ରେକ୍ଷାଳୟକୁ ଆସିବ।

### କୋଟିପତି ହୋଇ ମଧ୍ୟ ଭିକ ମାଗନ୍ତି

**ମୁମ୍ବାଇ:** ଅନେକ ଲୋକ ପରିସ୍ଥିତିରେ ପଡ଼ି ଭିକ ମାଗିବାକୁ ବାଧ୍ୟ ହୋଇଥା'ନ୍ତି। ହେଲେ ଏବେ ଦେଖିବାକୁ ମିଳୁଛି କି, ଅଧିକାଂଶ ଏହାକୁ ପେସା ଭାବେ ମାନିନେଲେଣି। ଏଥିରେ ସେମାନଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ି ନ ଥାଏ ଏବଂ ଲୋକେ ତାଙ୍କୁ ବଞ୍ଚିବା ପାଇଁ ଅର୍ଥ ମଧ୍ୟ ଯୋଗାଇ ଦିଅନ୍ତି। ଭିକାରୀମାନେ ଭିକ ମାଗି ମାଗି ମାଲାମାଲ ହେଉଥିବା ଦେଖିବାକୁ ମିଳୁଛି। ତେବେ ମୁମ୍ବାଇରେ ରହୁଥିବା ଭରତ ଜୈନ ଦୁନିଆର ସବୁଠୁ କୋଟିପତି ଭାବେ ଗଣାହୁଅନ୍ତି। ସେ ଘର ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ଭଡ଼ାରେ ଦେଇ ବ୍ୟବସାୟିକ ପରିସର ମଧ୍ୟ ତିଆରି କରିଛନ୍ତି। ଏଥିରୁ ତାଙ୍କର ଲକ୍ଷାଧିକ ଟଙ୍କା ରୋଜଗାର ହେଉଛି। ମୁମ୍ବାଇ ଭଳି ସହରରେ ତାଙ୍କର ଭଲ ସମ୍ପତ୍ତି ରହିଛି। ଲମ୍ବା



ସମୟ ଧରି ଭିକ ମାଗିବା ପରେ ଭରତ ଏବେ ଆରାମଦାୟକ ଜୀବନ ବଞ୍ଚୁଛନ୍ତି। ସେ ଏବେ କୋଟିପତି ଏବଂ ତାଙ୍କର ପରିବାର ମଧ୍ୟ ଅଛି। ଭରତ ତାଙ୍କ ୨ ପୁଅ, ସ୍ତ୍ରୀ, ଭାଇ ଓ ବାପାଙ୍କ ସହିତ ଏକାଠି ରହୁଛନ୍ତି। ଭିକ ମାଗି ମାଗି ସେ ନିଜ ପରିବାର ଲୋକଙ୍କୁ ମଧ୍ୟ ରୋଜଗାରକ୍ଷମ କରାଇପାରିଥିଲେ। ପ୍ରତି ମାସରେ ଭରତଙ୍କ ରୋଜଗାର ୭୦-୭୫ ହଜାର। ଏହି ଅନୁସାରେ, ବର୍ଷକୁ ସେ ୯ ଲକ୍ଷ ଟଙ୍କା ରୋଜଗାର କରିଦିଅନ୍ତି। ସେ ମୁମ୍ବାଇରେ ଏକ ବଙ୍ଗଳା ମଧ୍ୟ କରିଛନ୍ତି। ତାଙ୍କ ୨ ପୁଅ କନ୍‌ଭେଣ୍ଟ ସ୍କୁଲରେ ପଢୁଛନ୍ତି। ଭରତଙ୍କର ଏବେ ୭.୫ କୋଟି ଟଙ୍କାର ସମ୍ପତ୍ତି ରହିଛି। ଯେତେବେଳେ କି ତାଙ୍କର ମୁମ୍ବାଇରେ ୨ ବେଡ୍‌ରୁମ୍ ଥିବା ଏକ ଆପାର୍ଟମେଣ୍ଟ ରହିଛି। ଏତେ ସମ୍ପତ୍ତି ଥାଇ ମଧ୍ୟ ତାଙ୍କ ପରିବାର ତାଙ୍କୁ ଭିକ ମାଗିବା ବନ୍ଦ କରିବାକୁ କୁହନ୍ତି। ହେଲେ ଭରତ ସେମାନଙ୍କୁ ଏଥିପାଇଁ ମନା କରିଦିଅନ୍ତି। ସେ କହିଛନ୍ତି, ଏହି କାମ ତାଙ୍କୁ ଏପରି ସଫଳତା ଦେଇଥିବାରୁ ସେ ଏହାକୁ ଛାଡ଼ିପାରିବେନି।

### ବିମାନରେ ଝିଅର ବିବାହ କରି ସ୍ୱପ୍ନ ପୂରଣ କଲେ



**ନ୍ୟୁୟର୍କ:** ୟୁଏଇରେ ରହୁଥିବା ଜଣେ ଭାରତୀୟ ବ୍ୟବସାୟୀ ତାଙ୍କ ଝିଅର ବିବାହ ଏକ ଭିନ୍ନ ରୂପରେ କରିଛନ୍ତି, ଯାହା ଏବେ ଚର୍ଚ୍ଚାର ପରିସରକୁ ଆସିଛି। ହେଲେ ସେହି ବିବାହ ବେଳର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଲୋକେ ହିନ୍ଦୀ ଗୀତରେ ନାଚୁଥିବା ଦେଖିବାକୁ ମିଳିଛି। ଭିଡିଓ ଶେଷରେ ବରକନ୍ୟା ତାଙ୍କର ଏହି ଖାସ୍ ଦିନ ପାଇଁ ଧନ୍ୟବାଦ ଜଣାଇଛନ୍ତି। ପିଟିଆଇ ଏକ୍ସ'ରେ ଏହି ଭିଡିଓ ପୋଷ୍ଟ କରିଛି। କ୍ୟାପ୍ସନରେ ଲେଖାହୋଇଛି, 'ୟୁଏଇସ୍ଥିତ ଭାରତୀୟ ବ୍ୟବସାୟୀ ଦିଲୀପ ପୋପ୍‌ଲେ ଗତ ୨୪ ତାରିଖରେ ଦୁବାଇର ଏକ ପ୍ରାଇଭେଟ୍ ଜେଟେକ୍ସ ବୋଇଂ ୭୪୭ ବିମାନରେ ତାଙ୍କ ଝିଅଙ୍କର ବିବାହ କରାଇଛନ୍ତି।' ରିପୋର୍ଟ ମୁତାବକ, ଏହି ବିବାହ ମୋଡିଫାଏଡ୍ ୭୪୭ ବିମାନରେ ହୋଇଛି। ବରକନ୍ୟାଙ୍କ ସହିତ ସମ୍ପର୍କୀୟଙ୍କୁ ଦୁବାଇରୁ ଓମାନ୍ ଆସିବାକୁ ୩ ଘଣ୍ଟାର ଯାତ୍ରା କରିବାକୁ ପଡ଼ିଥିଲା। ଏହି ୩ ଘଣ୍ଟାର ଯାତ୍ରାରେ ବିବାହ ଉତ୍ସବ ଆୟୋଜିତ ହୋଇଥିଲା। ପୋପ୍‌ଲେ କହିଛନ୍ତି, ଦୁବାଇରେ ଘର ଥିଲେ ମଧ୍ୟ ଏଠାରେ ଆକାଶରେ ବିବାହ କରିବାର ରୀତି ରହିଛି। ସେ ସବୁବେଳେ ତାଙ୍କ ଝିଅଙ୍କ ଏପରି ବିବାହର ଲାଗି ସ୍ୱପ୍ନ ଦେଖିଥିଲେ। ଦୁବାଇଠାରୁ ଆଉ ଭଲ ଜାଗା ନାହିଁ। କାରଣ, ଏଠାରେ ସବୁ ସ୍ୱପ୍ନ ପୂରଣ ହୋଇଥାଏ। ପୋପ୍‌ଲେ ମଧ୍ୟ ୧୯୯୪ରେ ଏୟାର ଇଣ୍ଡିଆର ଏକ ବିମାନରେ ବିବାହ କରିଥିଲେ, ଯାହାର ଆୟୋଜନ ତାଙ୍କ ବାପା ଲକ୍ଷ୍ମଣ ପୋପ୍‌ଲେ କରିଥିଲେ।

